# NATIONAL NEWS BULLETIN (ODIA)

## 30 May - 2024

## Evening Bulletin : 7.15 p.m.

**************************************

## ମୁଖ୍ୟ ସମ୍ବାଦ

- ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଲାଗି ଶେଷ ହେଲା ପ୍ରଚାର ।

– ଆସନ୍ତା ଶନିବାର ୫୭ଟି ସଂସଦୀୟ କ୍ଷେତ୍ର ଲାଗି ୯୦୪ ଜଣ ପ୍ରାର୍ଥୀଙ୍କର ନିର୍ଦ୍ଧାରିତ ହେବ ରାଜନୈତିକ ଭବିଷ୍ୟତ ।

- ଜାମ୍ମୁ କାଶ୍ମୀରର ଟୁଙ୍ଗି ମୋରହ ଠାରେ ଏକ ସଡ଼କ ଦୁର୍ଘଟଣାରେ ୨୦ ଜଣଙ୍କର ମୃତ୍ୟୁ ।

– ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ୨ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ରାଶି ଘୋଷଣା କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ଓଡ଼ିଶାର ପୁରୀରେ ବାଣ ବିସ୍ଫୋରଣ ଘଟଣାରେ ୩ ଜଣଙ୍କର ମୃତ୍ୟୁ ।

– ମୃତକଙ୍କ ପରିବାରବର୍ଗଙ୍କ ଲାଗି ୪ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

ଏବଂ

- କେରଳ ଉପକୂଳ ସ୍ପର୍ଶ କଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ।

# ସେଭେନ୍ ଫେଜ୍-ଓଡ଼ିଶା କ୍ୟାମ୍ପେନିଂ

ଦେଶରେ ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଲାଗି ପ୍ରଚାର କାର୍ଯ୍ୟ ଆଜି ସନ୍ଧ୍ୟାରେ ଶେଷ ହୋଇଛି । ଏହି ପର୍ଯ୍ୟାୟରେ ୭ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ମୋଟ୍ ୫୭ଟି ସଂସଦୀୟ କ୍ଷେତ୍ର ଲାଗି ଆସନ୍ତା ଶନିବାର ଦିନ ଭୋଟ୍ ଗ୍ରହଣ କରାଯିବ । ସେଥିମଧ୍ୟରେ ଉତ୍ତରପ୍ରଦେଶ ଓ ପଞ୍ଜାବର ୧୩ଟି ଲେଖାଏଁ ଆସନ, ପଶ୍ଚିମବଙ୍ଗର ୯ଟି, ବିହାରର ୮ଟି, ଓଡ଼ିଶାର ୬ଟି, ହିମାଚଳ ପ୍ରଦେଶର ୪ଟି, ଝାଡ଼ଖଣ୍ଡର ୩ଟି ଓ ଚଣ୍ଡିଗଡ଼ କେନ୍ଦ୍ରଶାସିତ ଅଞ୍ଚଳର ଗୋଟିଏ ଲୋକସଭା ଆସନ ଅନ୍ତର୍ଭୁକ୍ତ । ଏହି ପର୍ଯ୍ୟାୟରେ ଲୋକସଭା ଆସନଗୁଡ଼ିକ ଲାଗି ୯୦୪ଜଣ ପ୍ରାର୍ଥୀଙ୍କର ରାଜନୈତିକ ଭବିଷ୍ୟତ ନିର୍ଦ୍ଧାରିତ ହେବ ।

ନିର୍ବାଚନର ଶେଷ ପର୍ଯ୍ୟାୟରେ ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତୃବୃନ୍ଦ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଜନସମାବେଶ ଓ ରୋଡ ଶୋ' ମାଧ୍ୟମରେ ଭୋଟରଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବା ପାଇଁ ଶେଷ ପ୍ରୟାସ କରିଥିଲେ ।

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପଞ୍ଜାବର ହୋସିଆରପୁର ଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ସେ କହିଛନ୍ତି, ସଂରକ୍ଷଣ ବ୍ୟବସ୍ଥା ପୂର୍ବ ପରି ବଳବତ୍ତର ରହିବ । କିନ୍ତୁ ଏହାକୁ ପ୍ରତ୍ୟାହାର କରି ନିଆଯିବା ନେଇ ବିରୋଧୀ ମେଣ୍ଟ ପକ୍ଷରୁ ଅପପ୍ରଚାର କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି ।

ହିମାଚଳ ପ୍ରଦେଶରେ ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ର ମନ୍ତ୍ରୀ ନୀତିନ ଗଡ଼କରୀ ଦଳୀୟ ପ୍ରାର୍ଥୀ କଙ୍ଗନା ରଣାଓ୍ୱତଙ୍କ ସପକ୍ଷରେ ମଣ୍ଡି ସଂସଦୀୟ କ୍ଷେତ୍ର ଅଞ୍ଚଳରେ ପ୍ରଚାର କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଦଳର ବରିଷ୍ଠ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର, କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ପ୍ରମୁଖ ଭିନ୍ନ ଭିନ୍ନ ନିର୍ବାଚନୀ ର୍‍ୟାଲିରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ ।

ଅନ୍ୟ ପକ୍ଷରେ ବରିଷ୍ଠ କଂଗ୍ରେସ ନେତା ତଥା ଦଳର ଜାତୀୟ ସମ୍ପାଦକ ପ୍ରିୟଙ୍କା ଗାନ୍ଧି ଭଦ୍ରା ଶିମଲା ସଂସଦୀୟ କ୍ଷେତ୍ର ଅଞ୍ଚଳ ଅଧୀନସ୍ଥ ସୋଲାନ୍ ଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ ।

ଝାଡ଼ଖଣ୍ଡରେ ଏହି ପର୍ଯ୍ୟାୟରେ ୩ଟି ଲୋକସଭା ଆସନ ଗୋଡ୍ଡା, ଡୁମ୍‌କା ଏବଂ ସାହିବଗଞ୍ଜ ସଂସଦୀୟ କ୍ଷେତ୍ର ପାଇଁ ମତଗ୍ରହଣ କରାଯିବ । ବିଜେପି, ଜେଏମ୍‌ଏମ୍, କଂଗ୍ରେସ, ଆର୍‌ଜେଡି ଏବଂ ବାମପନ୍ଥୀ ଦଳ

ଗୁଡ଼ିକ ପକ୍ଷରୁ ଆଜି ଶେଷ ପର୍ଯ୍ୟାୟରେ ନିର୍ବାଚନୀ ର୍ୟାଲି, ରୋଡ୍ ଶୋ’ ଏବଂ ଘରକୁ ଘର ବୁଲି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି ।

ସେହିଭଳି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଆଜି ଅମ୍ରିତସର, ଫରିଦକୋର୍ଟ ଏବଂ ରୂପ୍‌ନଗର ଅଞ୍ଚଳରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାରରେ ସାମିଲ ହୋଇଥିଲେ ।

କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧି ଆଜି ଓଡ଼ିଶା ଗସ୍ତରେ ଆସି ବାଲେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀର ସିମୁଳିଆଠାରେ ଏକ ଜନସମାବେଶରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ ।

ସେହିଦିନ ଓଡ଼ିଶାରେ ହେବାକୁ ଥିବା ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ୬ଟି ସଂସଦୀୟ କ୍ଷେତ୍ର ଏବଂ ଏହାର ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ଲାଗି ଏକ ସଙ୍ଗେ ମତଗ୍ରହଣ କରାଯିବ । ଏହି ସଂସଦୀୟ କ୍ଷେତ୍ର ଗୁଡ଼ିକ ହେଉଛି ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ଜଗତସିଂହପୁର ।

ଏହି ଅନ୍ତିମ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଜେପି ନେତା ପ୍ରତାପ ଷଡ଼ଙ୍ଗୀ, ବିଜେପିର ଜାତୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଏବଂ କଂଗ୍ରେସର ଶ୍ରୀକାନ୍ତ କୁମାର ଜେନା ଅଛନ୍ତି । ସେହିଭଳି ଏହି ପର୍ଯ୍ୟାୟ ଲୋକସଭା ନିର୍ବାଚନ ସହିତ ରାଜ୍ୟ ବିଧାନସଭା ଲାଗି

ହେଉଥିବା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ବିଜେଡ଼ିର ବରିଷ୍ଠ ନେତା ତଥା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଅଶ୍ୱିନୀ ପାତ୍ର, ତୁଷାରକାନ୍ତୀ ବେହେରା, ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପ୍ରମୁଖ ରହିଛନ୍ତି ।

ଆସନ୍ତା ମାସ ୪ ତାରିଖ ଦିନ ସମସ୍ତ ପର୍ଯ୍ୟାୟ ନିର୍ବାଚନର ଭୋଟ ଗଣତି କରାଯିବ ।

## ଜେ ଆଣ୍ଡ କେ-ଆକ୍ସିଡେଣ୍ଟ

ଜାମ୍ମୁ କାଶ୍ମୀରର ଅଖନୁର୍ ସବ୍‌ଡିଭିଜନ୍‌ର ଟୁଙ୍ଗି ମୋରହ ଠାରେ ଏକ ଯାତ୍ରୀବାହି ବସ୍ ଗଭୀର ଘାଟିକୁ ଖସିପଡ଼ିବାରୁ ୨୦ ଜଣଙ୍କର ମୃତ୍ୟୁ ହୋଇଛି । ୧୫ ଜଣ ଆହତ ହୋଇଛନ୍ତି ।

ଆକାଶବାଣୀ ଜାମ୍ମୁ ସମ୍ବାଦଦାତା କହିଛନ୍ତି, ଆହତଙ୍କୁ ଅଖନୁର୍‌ର ଉପଜିଲ୍ଲା ଡାକ୍ତରଖାନାକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଛି । ତୀର୍ଥ ଯାତ୍ରୀଙ୍କୁ ନେଇ ଯାଉଥିବା ଏହି ବସ୍‌ଟି ଜାମ୍ମୁରୁ ରିଆସି ଜିଲ୍ଲା ଅନ୍ତର୍ଗତ ଶିବଖୋରି ଗୁମ୍ଫା ଅଭିମୁଖେ ଯାତ୍ରା କରୁଥିବା ବେଳେ ଜାମ୍ମୁ-ପୁଞ୍ଚ ଜାତୀୟ ରାଜପଥର ଟୁଙ୍ଗି ମୋରହ ଠାରେ ଆଜି ଅପରାହ୍ଣରେ ଦୁର୍ଘଟଣା ଗ୍ରସ୍ତ

ହୋଇଥିଲା ।  ଘଟଣା ସ୍ଥଳରେ ୧୬ ଜଣଙ୍କର ମୃତ୍ୟୁ ହୋଇଥିବା ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି । ଏଥିରେ ଅଧିକାଂଶ ତୀର୍ଥଯାତ୍ରୀ ଉତ୍ତରପ୍ରଦେଶରୁ ଥିବା ଜଣାପଡ଼ିଛି । ତେବେ ଏ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ସେ ସୂଚନା ଦେଇଛନ୍ତି ।

ଜାମ୍ମୁର ଉପରାଜ୍ୟପାଳ ମନୋଜ ସିହ୍ନା ଏଥିପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସେ କହିଛନ୍ତି, ଏହି ଦୁର୍ଘଟଣାରେ ମୃତାହତ ଲୋକଙ୍କୁ ପ୍ରଶାସନ ତରଫରୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରାଯାଇଛି ।

## ପ୍ରେସିଡେଣ୍ଟ-ପିଏମ୍-ଜେକେ ଆକ୍ସିଡେଣ୍ଟ

ଏହି ଦୁର୍ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ରାଷ୍ଟ୍ରପତି ମୁର୍ମୁ ତାଙ୍କ ବାର୍ତ୍ତାରେ ମୃତଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ଆହତଙ୍କର ଆଶୁଆରୋଗ୍ୟ କାମନା କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କ ବାର୍ତ୍ତାରେ ସମବେଦନା ଜଣାଇବା ସହ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ୨ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ଲାଗି ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ରାଶି ଘୋଷଣା କରିଛନ୍ତି ।

# ବାଣ ବିସ୍ଫୋରଣ

ଓଡ଼ିଶାର ଶ୍ରୀକ୍ଷେତ୍ର ପୁରୀରେ ଭଉଁରୀ ଯାତ୍ରା ବାଣ ବିସ୍ଫୋରଣ ଘଟଣାରେ ମୃତ୍ୟୁ ସଂଖ୍ୟା ୩ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ରିଲିଫ୍ କମିଶନର୍ ଘଟଣାର ତଦନ୍ତ କରିବେ । ଏହି ଘଟଣାରେ  ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ନିକଟତମ ସମ୍ପର୍କୀୟଙ୍କ ପାଇଁ ୪ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ରାଶି ଘୋଷଣା କରିଛନ୍ତି । ଆହତଙ୍କ ଚିକିତ୍ସା ଖର୍ଚ୍ଚ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ବହନ କରିବ ବୋଲି ସେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ଆଜି ଭୁବନେଶ୍ୱରର ଘରୋଇ ହସ୍‌ପିଟାଲ୍‌ରେ ଚିକିତ୍ସିତ ହେଉଥିବା ଆହତମାନଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି।

ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଆଜି ଅପରାହ୍ଣରେ ପୁରୀରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି । ଦୁର୍ଘଟଣା ସ୍ଥଳକୁ ଯାଇ ସ୍ଥିତି ସମୀକ୍ଷା କରିବା ସହ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଆହତଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି ।

ସୂଚନାଯୋଗ୍ୟ, ଗତକାଲି ରାତିରେ ପୁରୀ ଶ୍ରୀକ୍ଷେତ୍ରରେ ଭଉଁରୀ ଯାତ୍ରାରେ ବାଣ ଫୁଟି ୩୦ରୁ ଅଧିକ ଲୋକ ଆହତ ହୋଇଥିଲେ। ଏହି ଘଟଣାରେ ପୁଲିସ୍ ନିଜଆଡ୍ରୁ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ।

ଏହି ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଟୁଇଟ୍ ବାର୍ତ୍ତାରେ ରାଷ୍ଟ୍ରପତି ମୃତକଙ୍କ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ମଧ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ସମବେଦନା ଜଣାଇଛନ୍ତି ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି। ଏକ ଟୁଇଟ୍ ବାର୍ତ୍ତାରେ ସେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ମୃତ ବ୍ୟକ୍ତିଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

# ସିସୋଦିଆ

ଅବକାରୀ ଦୁର୍ନୀତି ମାମଲାରେ ଗିରଫ୍ ହୋଇଥିବା ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନିଶ ସିସୋଦିଆଙ୍କ ବିଚାର ବିଭାଗୀୟ ହାଜତକୁ ଆସନ୍ତା

ଜୁଲାଇ ୬ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ରାଉଜ୍ ଆଭିନ୍ୟୁ କୋର୍ଟ୍ ଆଜି ଏହି ମାମଲାର ଶୁଣାଣି କରି ହାଜତ ମିଆଁଦକୁ ବୃଦ୍ଧି କରିଛନ୍ତି । ଆମ୍ ଆଦମୀ ପାର୍ଟିର ଏହି ନେତା ମଧ୍ୟ ଅର୍ଥ ହେର୍‌ଫେର୍ ମାମଲାରେ ଏବେ ରିମାଣ୍ଡରେ ଅଛନ୍ତି ।

ଅନ୍ୟ ପକ୍ଷରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆପ୍‌ର ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜରିୱାଲ ଆଜି ଅବକାରୀ ଦୁର୍ନୀତି ମାମଲାରେ ରାଉଜ୍ ଆଭେନ୍ୟୁ କୋର୍ଟ୍‌ରେ ନିୟମିତ ଜାମିନ୍ ଆବେଦନ ଦାଖଲ କରିଛନ୍ତି ।

# ଏମ୍‌ଇଏ-ବ୍ରିଫିଙ୍ଗ

ଦକ୍ଷିଣ ଗାଜାର ପାଲେଷ୍ଟାଇନ୍ ସହର ରାଫାରେ ସାଧାରଣ ନାଗରୀକଙ୍କ ମୃତ୍ୟୁକୁ ନେଇ ଭାରତ ଚିନ୍ତା ପ୍ରକଟ କରିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟଶ୍ୱାଲ୍ ଆଜି ନୂଆଦିଲ୍ଲୀ ଠାରେ ଗଣମାଧ୍ୟମ ସହ ଆଲୋଚନା ବେଳେ କହିଛନ୍ତି, ସେଠାରେ ଚାଲିଥିବା ସଂଘର୍ଷରେ ବେସାମରିକ ଲୋକଙ୍କର ସୁରକ୍ଷା ଏବଂ ଆନ୍ତର୍ଜାତିକ ମାନବିକତା ଆଇନ୍‌କୁ ସମ୍ମାନ ଦେବା ପାଇଁ ଭାରତ ସର୍ବଦା କହିଆସୁଛି । ଇସ୍ରାଏଲ୍ ପକ୍ଷରୁ ମଧ୍ୟ ଏହା ଏକ ଦୁଃଖଦ ଦୁର୍ଘଟଣା ବୋଲି ସ୍ୱୀକାର କରାଯିବା ସହ ତଦନ୍ତ ଘୋଷଣା କରାଯାଇଛି ବୋଲି ସେ କହିଛନ୍ତି ।

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ୍ ସରିଫ୍ ଲାହୋର୍ ଘୋଷଣାନାମା ଉପରେ ଦେଇଥିବା ମନ୍ତବ୍ୟ ପରିପ୍ରେକ୍ଷୀରେ ଶ୍ରୀ ଜୟଶ୍ୱାଲ କହିଛନ୍ତି, ଏହି ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ପାକିସ୍ତାନରେ ଏକ ବାସ୍ତବ ମତ ସୃଷ୍ଟି ହୋଇଛି ।

ଜେ.ଡି.ଏସ୍. ନିଲମ୍ବିତ ସାଂସଦ ପ୍ରଜ୍ୱଳ ରେୋଭାନ୍ନାଙ୍କ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଜୟଶ୍ୱାଲ କହିଛନ୍ତି, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପ୍ରଜ୍ୱଳଙ୍କ କୂଟନୈତିକ ପାସ୍‌ପୋର୍ଟ୍ ରଦ୍ଦ କରିବା ପାଇଁ ପଦକ୍ଷେପ ନେଇଛି । ଗତ ୨୩ ତାରିଖରେ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି ଏବଂ ତାଙ୍କର ଉତ୍ତର ଏ ପର୍ଯ୍ୟନ୍ତ ମିଳିନାହିଁ ।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ଆଜି କେରଳ ଉପକୂଳ ସ୍ପର୍ଶ କରିଛି ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି । ଗତ କିଛି ଦିନ ହେଲା କେରଳରେ ପ୍ରାକ୍ ମୌସୁମୀ ବର୍ଷା ଚାଲିଛି । ଏଥିପାଇଁ ୧୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଥିରୁଅନନ୍ତପୁରମ୍ ଏବଂ ଏର୍ଣ୍ଣାକୁଲମ୍ ଠାରେ ଲଗାଣ ବର୍ଷା ସହ ଖାଲୁଆ ଅଞ୍ଚଳ ଗୁଡ଼ିକରେ ବର୍ଷା ଜଳ ଜମି ରହିଥିବା ଜଣାପଡ଼ିଛି । ପ୍ରଭାବିତ ଅଞ୍ଚଳ ଗୁଡ଼ିକର ଲୋକଙ୍କ ପାଇଁ ରିଲିଫ୍

କ୍ୟାମ୍ପ୍ ଖୋଲା ଯାଇଛି । ଭୂସ୍ଖଳନକୁ ଦୃଷ୍ଟିରେ ରଖି ପାହାଡ଼ିଆ ଅଞ୍ଚଳ ଗୁଡ଼ିକ ପାଇଁ ରାଜ୍ୟ ବିପର୍ଯ୍ୟୟ ପ୍ରସମନ ସଂସ୍ଥା ସତର୍କ ସୂଚନା ଜାରି କରିଛି ।

ଅନ୍ୟ ପକ୍ଷରେ ପଶ୍ଚିମ ଓଡ଼ିଶା ସମେତ ଆଭ୍ୟନ୍ତରୀଣ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇଛି । ସର୍ବୋଚ୍ଚ ଦିନ ତାପମାତ୍ରା ୪୭ ଡିଗ୍ରୀ ସେଲ୍‌ସିୟସ୍ ଝାରସୁଗୁଡ଼ା ଠାରେ ରେକର୍ଡ କରାଯାଇଛି । ପ୍ରାୟ ସବୁ ଜିଲ୍ଲାର ତାପମାତ୍ରା ୪୪ ଡିଗ୍ରୀରୁ ଅଧିକ ଥିବା ଜଣାପଡ଼ିଛି ।